

# ଭୁବନେଶ୍ୱର ସିଟି

**ଆଜି ବିଶ୍ୱ ଯୋଗ ଦିବସ**

# ସବୁ ବ୍ୟାଧିମୁକ୍ତିର ମୂଳମନ୍ତ୍ର 'ଯୋଗ'

ଭୁବନେଶ୍ୱର, ୨୦।୬(ସମିସ)

ଦିନକୁଦିନ ଲୋକମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଘଟିବା ସହ ଖାଦ୍ୟପେୟରେ ପରିବର୍ତ୍ତନ ଘଟୁଛି। ଯାହାର ଫଳ ସ୍ୱରୂପ ଅନେକ ବ୍ୟାଧିର ଶିକାର ହେଉଛନ୍ତି ସବୁ ବର୍ଗର ଲୋକମାନେ। ଫଳରେ ଯୋଗ, ପ୍ରାଣାୟମ ଧ୍ୟାନ ଆଡ଼କୁ ମୁହାଁଉଛନ୍ତି। ବର୍ତ୍ତମାନ ସାଧାରଣ ଲୋକ ନିଜ

**■ ସାଧାରଣ ଲୋକଙ୍କ ଜୀବନଶୈଳୀରେ ଯୋଡ଼ି ହେଉଛି ଯୋଗ**

ଜୀବନଶୈଳୀରେ ଯୋଗକୁ ସାମିଲ କରୁଥିବାର ନଜୀର ରହିଛି। କରୋନା କାଳରେ ସାରା ଦେଶରେ ଅମ୍ଳଯାନ ଅଭାବରୁ ଅନେକ ଜୀବନ ଯାଇଥିଲା। ପ୍ରାଣାୟମ ଦ୍ୱାରା ଶରୀରରେ ଅମ୍ଳଯାନ ସ୍ତର ବୃଦ୍ଧି ହେଉଥିବା ବିଶ୍ୱାସରେ ପ୍ରାୟ ୮୦ ପ୍ରତିଶତ ଲୋକେ ଯୋଗ କରୁଥିବା ଦେଖିବାକୁ ମିଳିଥିଲା। ଏହାପରେ ଧିରେ ଧିରେ ଯୋଗର ଉପାଦେୟତା ଓ ଯୋଗପ୍ରତି ଲୋକଙ୍କ ଆଗ୍ରହ ବଢ଼ିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ସମେତ ପାର୍କଗୁଡ଼ିକରେ ମଧ୍ୟ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗାଭ୍ୟାସ କରାଯାଉଥିବା ଦେଖିବାକୁ ମିଳିଛି।

ବର୍ତ୍ତମାନ ସମୟରେ ସୁସ୍ଥ ଜୀବନଶୈଳୀ, ଋତୁଚକ୍ରରେ ପରିବର୍ତ୍ତନ କାରଣରୁ କେବଳ ବୟସ୍କ ବ୍ୟକ୍ତି ନୁହଁନ୍ତି ବରଂ ଛୋଟ ପିଲାମାନେ ମଧ୍ୟ ବିଭିନ୍ନ ବ୍ୟାଧିର ଶିକାର ହେଉଛନ୍ତି। ବିଶେଷ କରି ଆଜିର ଯୁବପିଢ଼ୀ ମେଦବହୁଳତା, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ଆଣ୍ଠୁଗଣ୍ଠି ଯନ୍ତ୍ରଣା ସମେତ ବିଭିନ୍ନ ରୋଗର ସମ୍ମୁଖୀନ ହେଉଛନ୍ତି। ଏଥିରୁ ଉପଶମ ପାଇଁ ଯୋଗ ହିଁ ସମାଧାନ ବୋଲି



ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ପରାମର୍ଶ ଦେଉଛନ୍ତି। ସୁସ୍ଥ ରହିବାକୁ ଶାରୀରିକ ପ୍ରରିଶ୍ରମ ବା ବ୍ୟାୟାମ୍ ଅତ୍ୟନ୍ତ ଜରୁରୀ ହୋଇଥିବାରୁ ବିଭିନ୍ନ ପାର୍କରେ ଯୋଗ ମଣ୍ଡପ ସାଙ୍ଗକୁ ଓପନ୍ ଜିମ୍ ବ୍ୟବସ୍ଥା କରାଯାଉଛି। ଏହାସହ ଜିମ୍ ଗୁଡ଼ିକରେ ମଧ୍ୟ ସ୍ୱତନ୍ତ୍ର ଯୋଗ ପ୍ରଶିକ୍ଷଣ ନେବାକୁ ମହିଳା ଓ ବରିଷ୍ଠ ନାଗରିକମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏମିତିକି ଅନଲାଇନ୍‌ରେ ବହୁ ସଂଖ୍ୟାରେ ଲୋକ ଯୋଗ କ୍ଲାସ କରୁଛନ୍ତି। ଯୋଗ କୌଣସି ଏକ ଧର୍ମ ନୁହେଁ, ଏହା ଏକ ଜୀବନଯାପନ ପଦ୍ଧତି। ଏନେଇ ଆନ୍ତର୍ଜାତୀୟ ଯୋଗ ପ୍ରଶିକ୍ଷକ ଗଣେଶ୍ୱର ଗୋଛିକାର କହିଛନ୍ତି, ସମସ୍ତେ ଯୋଗ କରିବା ନିହାତି ଆବଶ୍ୟକ। ପ୍ରାଣାୟମ ଓ ଧ୍ୟାନ ମଣିଷକୁ ନକାରତ୍ମକ ଚିନ୍ତାଧାରା ଠାରୁ ଦୂରରେ ରଖେ। କାରଣ ଯୋଗ ହେଉଛି ଏକ ବିଜ୍ଞାନ। ପୁରାତନ କାଳରେ ମୁନିଋଷିମାନେ ଯୋଗକୁ ଔଷଧ ଭାବେ ଗ୍ରହଣ କରୁଥିଲେ। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀରର ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଉଥିବାରୁ କୌଣସି ରୋଗ ଆକ୍ରାନ୍ତ କରିପାରେ ନାହିଁ। ବର୍ତ୍ତମାନ ପରିସ୍ଥିତି ଏଭଳି ହୋଇଛି ଯେ, ସାରା ବିଶ୍ୱରେ ଛୋଟ ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଭିନ୍ନ ଭିନ୍ନ ମାନସିକ ଚିନ୍ତାରେ ରହୁଛନ୍ତି। ଏଥିରୁ ମୁକ୍ତି ପାଇବାକୁ ହେଲ ଯୋଗ କରିବା ଉଚିତ୍। ଯୋଗ ଓ ପ୍ରାଣାୟମ ଦ୍ୱାରା ଅସାଧ୍ୟ ରୋଗରୁ ମୁକ୍ତି ପାଇପାରିବେ। ଆଜିକାଲି ଘରେ ଘରେ ଅଣ୍ଟା, ଆଣ୍ଠୁ ଓ ମେରୁଦଣ୍ଡ ବିନ୍ଧା ସମସ୍ୟା ଦେଖାଦେଇଛି। କର୍ମଜୀବୀମାନେ କାମ କରିବା ସମୟରେ କାମ ଉପରେ ଧ୍ୟାନ ଦେଉଥିବାରୁ ଶରୀର ପ୍ରତି ଧ୍ୟାନ ଦେଇପାରନ୍ତିନି। ଏହାଦ୍ୱାରା ମେରୁଦଣ୍ଡ ସମସ୍ୟା ବାହାରିଥାଏ। ସେହିପରି ବରିଷ୍ଠ ନାଗରିକମାନେ କାଲସିୟମ୍ ଅଭାବରୁ ଅନେକ ଆଣ୍ଠୁଗଣ୍ଠି ଯନ୍ତ୍ରଣାର ଶିକାର ହେବା ସହ କ୍ରୀଡ଼ାବିତ୍ ଟେନିସ୍‌ସେଲଭୋର୍ ରୋଗର ଶିକାର ହେଉଛନ୍ତି। ଏସବୁରୁ ମୁକ୍ତି ପାଇବାକୁ ଯୋଗର ଆବଶ୍ୟକତା ରହିଛି। ସେହିପରି ଯୋଗଗୁରୁ ରଞ୍ଜନ କୁମାର ପାତ୍ର କହିଛନ୍ତି, ମହର୍ଷି ପତଞ୍ଜଳିଙ୍କ ଅନୁଶାସିତ ବିଭିନ୍ନ ଆସନ ଓ ପ୍ରାଣାୟମ ଚୟନରେ ଉପଯୋଗିତା ଓ ସାର୍ବତ୍ରିକତାକୁ ଧ୍ୟାନରେ ରଖି ସାଧାରଣ ଭାବରେ ମନକୁ ଏକାଗ୍ର କରିବା ଯୋଗର ଅନ୍ୟତମ ପ୍ରଥମ କାମ। ଏହାଛଡ଼ା ନେତ୍ର ସଞ୍ଚାଳନ, ବଜ୍ରାସନ, ସିଂହାସନ, ହାସ୍ୟାସନ, ପଦ୍ମାସନ, ଶବାସନ, ସୁଖାସନ, ଅନୁଲୋମ ବିଲୋମ, କପାଳଭାତି ଇତ୍ୟାଦି ଦୈନିକ କରିବା ଦ୍ୱାରା ନିରୋଗୀ ଓ ସକରାତ୍ମକ ରହିପାରିବେ।

## ମାଡ଼ ମାରି ମୋବାଇଲ୍ ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର, ୨୦।୬ (ସମିସ): ମାଡ଼ ମାରି ମୋବାଇଲ୍ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିର ତପୁ ଓରଫ୍ ରାଜେଶ ବେହେରା (୨୮)। ପୁଲିସ ସୂଚନା ଅନୁଯାୟୀ, ଶ୍ରୀରାମ ନଗରର ଟୁକୁନା ମଲ୍ଲିକ ଗତକାଲି ସନ୍ଧ୍ୟାରେ ଖାଇବା ଆଣିବା ଲାଗି ମୁଣ୍ଡାସାହି ଛକ ଅଭିମୁଖେ ଯାଉଥିଲେ। ସେ ଦାଶରଥି ଆପାର୍ଟମେଣ୍ଟ ନିକଟରେ ପାଇଥିବା ବେଳେ ତପୁ ହଠାତ୍ ତାଙ୍କୁ ଅଟକାଇବା ସହ ପଛ ପାଖରୁ ତାଙ୍କ ବେକକୁ ଚିପି ଧରି ପାଖରେ ଥିବା ଟଙ୍କା ଦେଇ ଦେବାକୁ କହିଥିଲା। ଟୁକୁନା ତାଙ୍କ କଥାରେ ରାଜି ନହେବାରୁ ତପୁ ତାଙ୍କୁ ମାଡ ମାରି ମୋବାଇଲ ଫୋନ ଛଡାଇ ନେବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଟୁକୁନା ଏନେଇ ମୈତ୍ରୀ ବିହାର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସାଲିଆ ସାହି ସ୍ଥିତ ବଲ୍ ପଡ଼ିଆ ନିକଟରୁ କାବୁ କରିବା ସହ ତା' ଠାରୁ ଲୁଟ୍ ମୋବାଇଲ ଫୋନକୁ ଜବତ କରିଥିଲା।

## ୨୯୧ତମ 'ମିଟ୍ ଦ ଆର୍ଟିଷ୍ଟ'



ଭୁବନେଶ୍ୱର, ୨୦।୬(ସମିସ): ଜେଡିସିଏ ବହୁବର୍ଷ ଧରି କଳା ଓ କଳାକାରମାନଙ୍କ ପାଇଁ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମମାନ ଆୟୋଜନ କରିଥାଏ। ଏହି ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କ ମଧ୍ୟରୁ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମ ଅନ୍ୟତମ। କଳାକାରମାନଙ୍କ ସଙ୍ଗେ 'ମିଟ୍ ଦ ଆର୍ଟିଷ୍ଟ' ୨୯୧ତମ କାର୍ଯ୍ୟକ୍ରମ ଶନିବାର ଏହାର କାର୍ଯ୍ୟାଳୟ ଏ୨୦ ଭି.ଆଇ.ପି କଲୋନୀ ନୟାପଲ୍ଲୀଠାରେ ଅନୁଷ୍ଠିତ ହୋଇଛି। ଏହାର ବିଷୟବସ୍ତୁ 'ଜଣେ କଳାକାର ଭାବେ ମୋର ଯାତ୍ରା' ରହିଥିଲା। ଏଥିରେ କଳାକାର ଡ. ଚକ୍ରଧର ବେହେରା ତାଙ୍କର କଳାକାର ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ତାଙ୍କର ଆରମ୍ଭରୁ ଆଜି ପର୍ଯ୍ୟନ୍ତ କଳାକାର ଜୀବନର ଯାତ୍ରା ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ କଳାକୃତିକୁ ଲୋକମାନଙ୍କ ଆଗରେ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ଜେ.ଡି.ସି.ଏ ତରଫରୁ ଟ୍ରଷ୍ଟି ରାମହରି ଜେନା ତାଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିଥିଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ପ୍ରସନ୍ନ କୁମାର ପଣ୍ଡା, ବିଶ୍ୱଜିତ ରାଉତ, ବିକାଶ କୁମାର ଡାକୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶତାବ୍ଦୀର କଳାକାର ପକ୍ଷରୁ 'ଅନ୍ତରଙ୍ଗ'

ଭୁବନେଶ୍ୱର, ୨୦।୬(ସମିସ): ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଶତାବ୍ଦୀର କଳାକାର ପକ୍ଷରୁ ଏକ 'ଅନ୍ତରଙ୍ଗ'କାର୍ଯ୍ୟକ୍ରମ ଶନିବାର ବିଜୁ ନାଟ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ସଭାପତି ଗୌରହରି ଦାସଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସାହିତ୍ୟକ ଡ଼ା. ବିଜୟାନନ୍ଦ ସିଂହ ଯୋଗଦେଇ ତାଙ୍କର ଆମେରିକା ଭ୍ରମଣର ଅନୁଭୂତି ବର୍ଣ୍ଣନା କରିଥିଲେ। ବର୍ତ୍ତମାନ ଆମେରିକାର ଅର୍ଥ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସମେତ ଇରାନ୍ ଆମେରିକା ଯୁଦ୍ଧର ପ୍ରଭାବ ଉପରେ ତାଙ୍କର ଅନୁଭୂତି ବଖାଣିଥିଲେ। ଏହି ସଭାରେ ସମ୍ପାଦକ ଧିର ମଲ୍ଲିକ୍, ଓ କାର୍ଯ୍ୟକାରୀ ସଭାପତି ବିଘ୍ନରାଜ ଜେନା ପ୍ରମୁଖ ଡ଼ା. ସିଂହଙ୍କ ସାହିତ୍ୟକ ଗୁଣାବଳୀର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ପ୍ରକାଶକ ବିନୋଦ ତ୍ରିପାଠୀ, ସାହିତ୍ୟକ ଅମିତାଭ ଖିଲାର, ନାଟ୍ୟବିତ୍ ଶତ୍ରୁଘ୍ନ ସାମଲ, ରଞ୍ଜନ ଦାସ, ଡ଼ା ପ୍ରଶାନ୍ତ ବିଶ୍ୱାଳ ଓ ବହୁ ଜଣାଶୁଣା ବକ୍ତିତ୍ୱ ଉପସ୍ଥିତ ରହିଥିଲେ।

## ଖାଁ ଖାଁ ଭିଏସ୍‌ଏସ୍ ନଗରରେ ଯୋଗ ମଣ୍ଡପ

**■ ୬ ମାସ ହେଲା ଆସୁନାହାନ୍ତି ପ୍ରଶିକ୍ଷକ**
**■ ଆଜି ଉନ୍ନୟନ ପରିଷଦ ପକ୍ଷରୁ ଗଣଧାରଣା**




ଭୁବନେଶ୍ୱର, ୨୦।୬(ସମିସ): ଦିନଥିଲା ଯେଉଁ ଯୋଗମଣ୍ଡପରେ ପ୍ରତିଦିନ ସକାଳୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥିଲା ଦିର୍ଘ ୬ମାସ ହେବ ଖାଁ ଖାଁ ପାଲଟିଛି ଉକ୍ତ ଯୋଗ ମଣ୍ଡପ। ପୂର୍ବଭଳି ବଡ଼ି ଭୋରୁ ସେଠାରେ ବରିଷ୍ଠନାଗରିକଙ୍କ ଭିଡ଼ ଜମୁନି। ଏଭଳି ସ୍ଥିତଚ ଦେଖିବାକୁ ମିଳିଛି ସ୍ଥାନୀୟ ଭିଏସ୍‌ଏସ୍‌ନଗର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ। ସୂଚନା ଅନୁସାରେ, ବହୁ ଚେଷ୍ଟାପରେ ୨୦୧୯ ମସିହା ମାର୍ଚ୍ଚ ମାସ ୧୦ ତାରିଖ ଦିନରୁ ଏଠାରେ ଡାକ୍ତରଖାନା ଆରମ୍ଭ ହୋଇଥିଲା। ଏହା ଠିକ୍ ଭାବରେ କାର୍ଯ୍ୟକ୍ଷମ ହୋଇପାରୁ ନଥିବାରୁ ଉନ୍ନୟନ ପରିଷଦର ପ୍ରୟାସରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ୨୦୨୨ ମସିହା ସେପ୍ଟେମ୍ବର ମାସ ୨୩ ତାରିଖରୁ ଭୁବନେଶ୍ୱରର ପ୍ରଥମ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ ହେଲା। ସେହିଦିନରୁ ଏଠାରୁ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ଙ୍କ ସହିତ ରକ୍ତ ପରୀକ୍ଷା ପାଇଁ ଲାବରେଟୋରୀ, ସବୁ ଦିନିଆ ଯୋଗ ଓ ସବୁ ଦିନିଆ ଫିଜିଓଥିରାପି ଆରମ୍ଭ କରାଗଲା। ଏଥିପାଇଁ କର୍ମଚାରୀ ନିଯୁକ୍ତି ମଧ୍ୟ ପାଇଲେ। କିଛିଦିନ ସବୁ ଠିକଠାକ ଚାଲିବା ପରେ ପ୍ରୟେ ଦେଢ଼ବର୍ଷ ହେଲା ପ୍ରଥମେ ଏଠାରୁ ଦୁଇ ଜଣ କର୍ମଚାରୀଙ୍କୁ ଛଟାଇ କରାଗଲା। ଫଳରେ ସବୁଦିନ ପାଇଁ ରକ୍ତ ପରୀକ୍ଷା ଓ ଲାବରେଟୋରୀ ବନ୍ଦ କରାଗଲା। ତେବେ ଚଳିତ ବର୍ଷ ଜାନୁଆରୀ ୧୦ ତାରିଖରୁ ଏଠାରେ ଯୋଗ କେନ୍ଦ୍ର ମଧ୍ୟ ବନ୍ଦ କରାଯାଇଛି। ଫଳରେ ଗତ ୬ମାସ ହେଲା ଯୋଗ ମଣ୍ଡପ ଖାଁ ଖାଁ ପାଲଟିଛି। ଏହାର ପ୍ରତିବାଦରେ ବୀରସୁରେନ୍ଦ୍ର ସାଏ ନଗର ବାସୀଙ୍କ ପକ୍ଷରୁ ଯୋଗ ଦିବସ ଅବସରରେ ଏକ ଗଣଧାରଣା ଅନୁଷ୍ଠିତ ହେବ ବୋଲି ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା କହିଛନ୍ତି।

## ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୋଗ ଦିବସ



ଭୁବନେଶ୍ୱର, ୨୦।୬(ସମିସ): ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୨ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାତ୍ରପଡ଼ା ଯୋଗ ସାଧନା କେନ୍ଦ୍ରର ସାଧକ ସାଧିକାମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାରର ସୂକ୍ଷ୍ମ କ୍ରିୟା, ଆସନ ଓ ପ୍ରାଣାୟାମ କରିବାର ଶୈଳୀ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁ ସଭାପତି ରବୀନ୍ଦ୍ର ନାଥ ସାହୁ, ମୂଖ୍ୟବକ୍ତା ଭାବେ ପାତ୍ରପଡ଼ା ଯୋଗ ସାଧନା କେନ୍ଦ୍ରର ଯୋଗ ଗୁରୁ ପ୍ରତାପ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ପଣ୍ଡାଙ୍କ ବ୍ୟତୀତ ବହୁ ସାଧକ ସାଧିକା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅଲିଭା ତ୍ରୀପାଠୀ ଧନ୍ୟବାଦ୍ ଦେଇଥିଲେ।

## 'ସୁରେନ୍ଦ୍ର ମହାନ୍ତି ଥିଲେ ସାହିତ୍ୟ, ସାମ୍ବାଦିକତା ଓ ରାଜନୀତିର ତ୍ରିବେଣୀ ସଙ୍ଗମ'



ଭୁବନେଶ୍ୱର, ୨୦।୬(ସମିସ): ସୁରେନ୍ଦ୍ର ମହାନ୍ତି ହେଉଛନ୍ତି ସାହିତ୍ୟ, ସାମ୍ବାଦିକତା ଓ ରାଜନୀତିର ତ୍ରିବେଣୀ ସଙ୍ଗମ। 'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ଆଲୋଚନାଚକ୍ରରେ ସୁରେନ୍ଦ୍ର ମହାନ୍ତିଙ୍କ ୧୦୫ତମ ଜନ୍ମତିଥି ଉପଲକ୍ଷେ ସଭାପତି ପୀତବାସ ରାଉତରାୟଙ୍କ ଆୟୋଜିତ ସଭାରେ ବକ୍ତାମାନେ ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସଭାରେ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ପ୍ରଫେସର ପ୍ରଭାତ କୁମାର ପାଢ଼ୀ, ନିଶାକର ରାଉତ, ମିନତୀ ଷଡ଼ଙ୍ଗୀ, ଡ. ସିଦ୍ଧାର୍ଥ କାନୁନ୍‌ଗୋ, ଗଣେଶ ଚନ୍ଦ୍ର ପଣ୍ଡା, ମନୋଜ କୁମାର ଜେନା, ଅଶୋକ କୁମାର ଦାଶ, ସୁନୀଲ କୁମାର ମହାପାତ୍ର, ଡ. ଆରତି କର, ବିରଜା ଶତପଥୀ, ବୈରାଗୀ ପଟ୍ଟନାୟକ ଓ ସମିତି କୁମାର ରାଉତ ଆଦି ଅଂଶଗ୍ରହଣ କରିଥିଲେ। ସଭା ଆରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ ପରିଚାଳକ ରମାକାନ୍ତ ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ସୁକାନ୍ତ ପ୍ରଧାନ। ସଭା ଆରମ୍ଭରୁ ନିଶାକର ରାଉତ ଓ ରମାକାନ୍ତ ମିଶ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

**● ଜାତୀୟ କଳାକାର ସମ୍ମାନ ୨୦୨୬ ପ୍ରଦାନ ଉତ୍ସବ**

## ଚିନ୍ମୟ କୁମାରଙ୍କୁ 'ନାଟ୍ୟଶାସ୍ତ୍ର ସମ୍ମାନ'



ଭୁବନେଶ୍ୱର, ୨୦।୬(ସମିସ):ଅଖିଳ ଭାରତୀୟ କଳା ଏବଂ ସାଂସ୍କୃତିକ କମିଟି ଅନୁଷ୍ଠାନ ଦ୍ୱାରା ଆୟୋଜିତ 'ଜାତୀୟ କଳାକାର ସମ୍ମାନ ୨୦୨୬' ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ କଳାକାର ଚିନ୍ମୟ କୁମାରଙ୍କୁ 'ଜାତୀୟ ନାଟ୍ୟଶାସ୍ତ୍ର ସମ୍ମାନ' ରେ ସମ୍ମାନିତ କରାଯାଇଛି। ଚନ୍ମୟ ଅନେକ ମ୍ୟୁଜିକ ଭିଡିଓ ଯଥା: ତୁ କହିଦେ, ପରୀ ନା ଅପ୍ସରୀ, କାନ୍ଦୁଛି ଆଜି ତୋ କଣ୍ଢେଇ ରାଜା ଇତ୍ୟାଦିରେ ଅଭିନୟ କରିଥିବା ବେଳେ ବିଭିନ୍ନ ମେଗା ଧରବାହିକରେ ଅଭିନୟ କରି ବେଶ ଲୋକପ୍ରିୟତା ହାସଲ କରିଛନ୍ତି।

## ସୋଆ ଆଭିଏସ୍‌ଏଏଚ୍ ପକ୍ଷରୁ କର୍ମାଭିମୁଖୀ ଆଲୋଚନାଚକ୍ର

ଭୁବନେଶ୍ୱର, ୨୦।୬(ସମିସ): ଶିକ୍ଷା ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜବାଂଡ୍ରି(ଆଭିଏସ୍‌ଏଏଚ୍)ରେ ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ ବିଭାଗ ପକ୍ଷରୁ ପ୍ରାଣୀ ଚିକିତ୍ସା ସ୍ନାତକ ଛାତ୍ରଛାତ୍ରୀଙ୍କ ନିମନ୍ତେ ଭାରତର କୁକ୍କୁଟ ଏବଂ ଡ଼ାଇରୀ ଶିଳ୍ପରେ ନିଜକୁ ନିୟୋଜିତ କରିବା ନେଇ ରହିଥିବା ବିଭିନ୍ନ ସୁବିଧାସୁଯୋଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ଭାବେ ମହାରାଷ୍ଟ୍ରର ପୁନେସ୍ଥିତ ଗ୍ରୀନମାଇକ୍ରୋର ସିଇଓ ଡ଼ା. ପ୍ରଦୀପ ପି. ଲିଙ୍ଗେ ପିପିଟି ମାଧ୍ୟମରେ ବିଭିଏସସି ଆଣ୍ଡ ଏଏଚର ସ୍ନାତକ ଡାକ୍ତର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାଇଭେଟ ପ୍ରାକ୍‌ଟିସ, ଉଦ୍ୟୋଗ ସ୍ଥାପନ, ସରକାରୀ ଚାକିରି, ବ୍ୟବସାୟିକ ଭିତିରେ କୁକୁଟ ଓ ଡ଼ାଇରୀ ଫାର୍ମ ପ୍ରତିଷ୍ଠା, ଦୁଗ୍ଧ ଓ ଦୁଗ୍ଧ ଜାତୀୟ ଏବଂ କୁକ୍କୁଟ ଓ କୁକ୍କୁଟ ଜାତୀୟ ଦ୍ରବ୍ୟର ପ୍ରସ୍ତୁତି ସହିତ ନିରପେକ୍ଷ ବିତରଣ ଆଦି ଦିଗରେ ଆତ୍ମନିର୍ଭରଶୀଳ ହେବା ପାଇଁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଭିଏସ୍‌ଏଏଚ୍‌ର ଡିନ ପ୍ରଫେସର ଡ଼ା. ସୁଶାନ୍ତ କୁମାର ଦାସ ସଭାପତିତ୍ୱ କରି ଏହି ଆଲୋଚନାଚକ୍ର ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କୁକ୍କୁଟ ଉତ୍ପାଦନ



ବିଭାଗର ମୁଖ୍ୟ ତଥା ପ୍ରଫେସର ଡ଼ା. ନବ କିଶୋର ପ୍ରହରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ମଧ୍ୟରେ ପାରସ୍ପାରିକ ମତ ବିନିମୟ ହୋଇଥିଲା। ସର୍ବଶେଷରେ ଅଣୁ ଜୀବତତ୍ୱ ବିଭାଗର ସହକାରୀ ଅଧ୍ୟାପକ ଡ଼ା. ବୀର କିଶୋର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏମ୍ କିଷାନର ସିଧା ପ୍ରସାରଣ

ଭୁବନେଶ୍ୱର, ୨୦।୬(ସମିସ): ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଠାରେ କୃଷକ ମାନଙ୍କ ପାଇଁ ପିଏମ କିଷାନର ୨୩ ତମ କିସ୍ତି ଆବଣ୍ଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ପ୍ରତିଷ୍ଠାନର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ରବୀନ୍ଦ୍ର କୁମାର ପଣ୍ଡା କୃଷକ ମାନଙ୍କୁ ସମ୍ବୋଧନ କରିଥିଲେ। ଏଥି ସହିତ ପ୍ରତିଷ୍ଠାନର ବୈଜ୍ଞାନିକ ଡା. ସଚିନକାନ୍ତ ରାଉତରାୟ, ଡା. କାଳି କିଂକର ବନ୍ଦ୍ୟୋପାଧ୍ୟାୟ, ଡା. ରାଜୀବ କୁମାର ମହାନ୍ତି, ଡା. ସନାତନ ପ୍ରଧାନ ଓ ଡା. ଦେବବ୍ରତ ସେଠୀ କୃଷକମାନଙ୍କୁ ବର୍ତ୍ତମାନର ସାର ଅଭାବ ତଥା ଏଲ ନିନୋ ଜନିତ ମୌସୁମୀ ବର୍ଷାର ଅଭାବକୁ ସମୁଖୀନ ହେବା ପାଇଁ କୃଷି ପଦ୍ଧତିର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ। କ୍ଷେତ ବଞ୍ଚାଅ ଅଭିଯାନ ସମ୍ବନ୍ଧରେ ଅବଗତ କରାଇ ଚାଷ ଜମିର ଉର୍ବରତାର ପୁନରୁଦ୍ଧାର କରିବା ପାଇଁ ବିଭିନ୍ନ ପଦ୍ଧତି ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଧଣିଚା ଚାଷ ଓ ଜୈବିକ ଖତ ବ୍ୟବହାର ସହିତ ପ୍ରାକୃତିକ କୃଷି ଏବଂ ଜୈବିକ କୃଷିକୁ ଅଧିକରୁ ଅଧିକ ଆପଣାଇବାକୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ କୃଷକ ମାନେ କୃଷି କ୍ଷେତ୍ରରେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସେଗୁଡିକର ନିରାକରଣ ପାଇଁ ଉଦ୍ଦିଷ୍ଟ ବୈଜ୍ଞାନିକ ପଦ୍ଧତି ବିଷୟରେ ଅବଗତ ହୋଇଥିଲେ। ଡା. ସୁମନ୍ତ କୁମାର ମିଶ୍ର, ଡା. ହେମନ୍ତ କୁମର ଦାଶ ଏବଂ ଡା. ଓମ ପ୍ରକାଶ ବର୍ମା ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ବଣ୍ଟନ ଓ ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକ୍ଷୋଭ

ଭୁବନେଶ୍ୱର, ୨୦।୬(ସମିସ)

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶହଶହ କୋଟି ଟଙ୍କା ଖର୍ଚ୍ଚ କରି ବାହାର ରାଜ୍ୟରେ ପିଲାଙ୍କ ବହି ଛପାଗଲା। ବହିରେ ହଜାର ହଜାର ଭୁଲ୍ ମୁଦ୍ରଣ ଓ ଭୁଲ୍ ବହିକୁ ପୁନଃ ମୁଦ୍ରଣ ନ କରି ପିଲାଙ୍କୁ ଓ ଶିକ୍ଷକଙ୍କୁ ନିଜେ ସଂଶୋଧନ କରି ପାଠ ପଢ଼ିବାକୁ ଓ ପଢ଼େଇବାକୁ କହିବା ଗୋଟିଏ ଦାୟିତ୍ୱହୀନ ଅପାରଗତା। ଏହି କ୍ରମରେ ଶିକ୍ଷାମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକେଏମ୍‌ୟୁ ପକ୍ଷରୁ ରାଜ୍ୟ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ୍ ଠାରେ ରାସ୍ତାରୋକୋ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଭଗବତୀ ଭବନଠାରୁ ଶତାଧିକ ଭାରତୀୟ କ୍ଷେତ ମଜଦୂର ୟୁନିୟନ (ବିକେଏମ୍‌ୟୁ) କର୍ମୀ ହାତରେ ପ୍ଲାକାର୍ଡ, ବ୍ୟାନର ସହ ବିଭିନ୍ନ ସ୍ଲୋଗାନ ଦେଇ ରାଜମହଲ ଛକଠାରେ ପହଞ୍ଚି ରାସ୍ତାରୋକୋ ଓ ବିକ୍ଷୋଭ କରିଥିଲେ। ଉପସ୍ଥିତ ଜନସାଧାରଣ ଓ ବିକ୍ଷୋଭକାରୀଙ୍କୁ ଉଦ୍‌ବୋଧନ ଦେଇ ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା କହିଲେ ଯେ ଆମ ରାଜ୍ୟରେ ସରକାରୀ ପ୍ରେସ୍ ଥିବାବେଳେ ଶହଶହ କୋଟି ଟଙ୍କା ଖର୍ଚ୍ଚ କରି ବାହାର ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୁଦ୍ରଣ କରି ଦୁଇ ହଜାରରୁ ଉର୍ଦ୍ଧ୍ୱ ଶବ୍ଦ, ଭାଷା ଓ ଚିତ୍ର ଭୁଲ ମୁଦ୍ରଣ କରି ପିଲାଙ୍କୁ ଓ ଶିକ୍ଷକଙ୍କୁ ନିଜେ ସଂଶୋଧନ କରି ପଢ଼ିବା




ଓ ପଢ଼ାଇବା କହି ସରକାର ନିଜ ଦାୟିତ୍ୱରୁ ଖସିଯିବା ସହ ପିଲା, ଅଭିଭାବକ ସହ ସମଗ୍ର ଶିକ୍ଷକ ସମାଜ ଓ ରାଜ୍ୟ ଚିନ୍ତାରେ ଥିବାବେଳେ ମୁଖ୍ୟମନ୍ତ୍ରୀ ଓ ପ୍ରଶାସନ ମଉଜରେ ବ୍ୟସ୍ତ ଅଛନ୍ତି। ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏହି ଭୁଲ୍ ବହିକୁ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ତାଲିବାନୀ ଶିକ୍ଷା ବ୍ୟବସ୍ଥା ସହ ତୁଳନା କରି ତୀବ୍ର ସମାଲୋଚନା କରିଥିଲେ। ଓଡ଼ିଶାର ଐତିହ୍ୟ, ଇତିହାସ, ପରମ୍ପରାକୁ ବିଶ୍ୱ ଦରବାରରୁ ବହୁ ଗୁଣି, ବୁଦ୍ଧିଜୀବୀ, ଜ୍ଞାନୀ ଗବେଷକ ଗବେଷଣା ପାଇଁ ଆମ ରାଜ୍ୟକୁ ଆସୁଥିବାବେଳେ ରାଜ୍ୟ ସରକାରଙ୍କ ଏଭଳି ମୁଦ୍ରଣ ରାଜ୍ୟର ସମ୍ମାନକୁ କ୍ଷୁଣ୍ଣ କରିଛି। ତୁରନ୍ତ ରାଜ୍ୟ ସରକାର ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ବୋର୍ଡରେ ଶିକ୍ଷିତ, ଜ୍ଞାନି ଓ ବୁଦ୍ଧିଜୀବୀମାନଙ୍କୁ ନେବା, ତ୍ରୁଟିଥିବା ବହିକୁ ବାତିଲ୍ କରି ନୂତନ ବହି ମୁଦ୍ରଣ କରି ପିଲାଙ୍କୁ ବାଣ୍ଟିବା, ଦାୟୀ ବ୍ୟକ୍ତିବିଶେଷଙ୍କୁ ଦଣ୍ଡଦେବା ସହ ଖର୍ଚ୍ଚ ହୋଇଥିବା ଶହଶହ କୋଟି ଟଙ୍କାକୁ ସେମାନଙ୍କଠାରୁ ଭରଣା କରି, ଏଭଳି ଜଣେ ଦାୟିତ୍ୱହୀନ ଦୁର୍ବଳ ସମ୍ପନ୍ନ ଶିକ୍ଷା ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରିବା, କୋମଳମତି ପିଲାଙ୍କ ଭବିଷ୍ୟତ ସହ ନଖେଳିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭ ଓ ରାସ୍ତାରୋକୋରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ବିକେଏମ୍‌ୟୁ ରାଜ୍ୟ ସହ ସମ୍ପାଦକ ଶଙ୍କର୍ଷଣ ବାରିକ, ଜୋନ୍ ସମ୍ପାଦକ କୈଳାସ ପୁହାଣ, ସର୍ବେଶ୍ୱର ମାର୍ଥା, ଶରତ ସ୍ୱାଇଁ, ଅଭୟ ବାରିକ, ରଘୁନାଥ ନାୟକ, ଅଶୋକ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

